


ସେ ତାଙ୍କ ସାହିତ୍ୟକୃତି ପାଇଁ ବହୁ ପୁରସ୍କାର ଲାଭ କରିଛନ୍ତି ଏବଂ ତନ୍ମଧ୍ୟରେ ରହିଛି 'ବଙ୍କିମ ସ୍ମୃତି ପୁରସ୍କାର', 'ସୋପାନ ପୁରସ୍କାର', 'ନିଖିଳ ଭାରତ ବଙ୍ଗ ସାହିତ୍ୟ ସମ୍ମେଳନ ପୁରସ୍କାର', 'ଭାରତୀୟ ବିଜ୍ଞାନ ଓ ଯୁକ୍ତିବାଦୀ ପୁରସ୍କାର', 'ଲୋକକୃତି ପୁରସ୍କାର', 'ଇସ୍କ୍ରା ପୁରସ୍କାର' ଏବଂ ଭାରତ ସରକାରଙ୍କ ଫେଲୋସିପ୍ ସମ୍ମାନ ପ୍ରମୁଖ। ତାଙ୍କ ରଚିତ ଉପନ୍ୟାସିକା 'ଧାନଜ୍ୟୋତ୍ସ୍ନା'ର ଅବଲମ୍ବନରେ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ମୃଣାଳ ସେନ 'ଆମାର୍ ଭୁବନ' ଶୀର୍ଷକ ଏକ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି। ଏଠାରେ ଉଲ୍ଲେଖନୀୟ ଯେ କଥାକାର ଅହମଦଙ୍କର ଅନୁବାଦ କ୍ଷେତ୍ରରେ ମଧ୍ୟ ସୁନାମ ରହିଛି। ସେ କେନ୍ଦ୍ର ସାହିତ୍ୟ ଅକାଦେମି ତରଫରୁ ୨୦୦୦ ମସିହା ଅନୁବାଦ ପୁରସ୍କାର ଲାଭ କରିଥିବାବେଳେ ସମ୍ପ୍ରତି ମୌଳିକ ରଚନା ପାଇଁ ଅକାଦେମି ଦ୍ୱାରା ପୁରସ୍କୃତ ହେଉଛନ୍ତି।

ମୋତେ କିଛି ଅନର୍ଥ କ୍ରିୟା ଭାବନାର ଦୃଶ୍ୟାୟନକୁ ଆଡ଼େଇ ଦେଇ ଯିବାକୁ ହୋଇଥାଏ। ଅନ୍ୟ ଆଉ କିଛି ପାଇବାର ସମ୍ଭାବନା ମଧ୍ୟ ମୋ ପାଖରେ ନାହିଁ। ଏମିତି ଅବସ୍ଥାକୁ ନେଇ ମୋର ନିରୁପାୟ ଜୀବନ ଯାପନ। ଗୋଟିଏ ପରେ ଗୋଟିଏ ନିରର୍ଥକ କ୍ରିୟା ଭିତର ଦେଇ ମୋତେ ଗତି କରିବାକୁ ହୋଇଥାଏ। ମୋ ଦେହ ଓ ଦେହର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ବିଭିନ୍ନ ପ୍ରକାରର ଅନର୍ଥକ ଭଙ୍ଗିମା ତିଆରି କରିଥାଏ, ନିରନ୍ତର ଭାବେ। ଏସବୁ ମୁଁ ହିଁ କରିଥାଏ। କେତେ କେତେ ଅନର୍ଥକ ଭାବନାକୁ ନେଇ ମୁଁ ବ୍ୟସ୍ତ ରହିଥାଏ, ନିମଗ୍ନ ହୋଇଯାଏ ସେଇସବୁ ଚିନ୍ତନ ଭିତରେ।

ମୁଁ କ୍ରମଶ ଅର୍ଥହୀନତାର ଆଶ୍ରୟ ବଳୟ ଭିତରକୁ ଚାଲିଯାଉଛି। ଅଥଚ ମୋ ସାହି, ପଡ଼ୋଶୀ, ସହକର୍ମୀ, ପତ୍ନୀ, କନ୍ୟା କାହାରିକୁ ବି ମୋର କୌଣସି କ୍ରିୟା-ଭଙ୍ଗୀ ଅଦ୍ଭୁତ ଓ ଅବାସ୍ତବ ମନେ ହେଉନାହିଁ। ହୁଏତ ସେସବୁ କୌଣସି ନା କୌଣସି ଏକ ବାସ୍ତବତା ପାଇଯାଏ ସେମାନଙ୍କ ନିକଟରେ।

ଏଇ ଯେମିତି ଭୋରବେଳାରେ କୌଣସି ଶବ୍ଦ ହେଉଛି, ମୁଁ ଫ୍ଲାଟ୍ ଭିତର ପ୍ରବେଶ ଦ୍ୱାରର ସାମ୍ନାରେ ଛିଡ଼ା ହୋଇଛି, ଅଥଚ ଦୁଆର ଖୋଲୁନାହିଁ। ହଁ, ମୋର ଏଇ କବାଟ ନ ଖୋଲିଦେବାର ପଛରେ କୌଣସି ଅର୍ଥ ନାହିଁ। କିନ୍ତୁ ଦୁଆର ବାହାରେ ଅପେକ୍ଷମାଣ ପତ୍ନୀ କନ୍ୟାଙ୍କ ନିକଟରେ ମୁଁ ଏକ ବାସ୍ତବତା ଖୋଜି ଚାଲିଛି। ମୁଁ ଏଇ ସମୟରେ ବାଥ୍‌ରୁମ୍‌ରେ ଅଛି କିମ୍ବା ଭିତରର କବାଟ ଆଉଜେଇ ବିଛଣାରେ ଶୋଇ ରହିଛି ଅଥବା ପ୍ୟାଣ୍ଟସାର୍ଟ ପିନ୍ଧୁଛି - ଏମିତି ସମୟରେ ତ ହଠାତ୍ ଆସି କବାଟ ଖୋଲି ଯାଇପାରିବ ନାହିଁ। ଅଥଚ କିଛି ସମୟ ପୂର୍ବରୁ ମୁଁ ଯେତେବେଳେ ବାଲ୍‌କୋନିକୁ ଯାଇଥିଲି, ସେତେବେଳେ ତିନିମହଲାର ଫ୍ଲାଟ୍‌ରେ ଦେଖିଥିଲି ମେଞ୍ଚାଏ ଲାଲ ରଙ୍ଗ, ତାପରେ ଫୁଲ ଭର୍ତ୍ତି ଏକ କୃଷ୍ଣଚୂଡ଼ା ଗଛ, ତା'ରି ଫାଙ୍କରେ ଦେଖିବାକୁ ପାଇଥିଲି ମୋର ପତ୍ନୀ କନ୍ୟାଙ୍କୁ। ସେମାନେ ଫେରି ଆସୁଛନ୍ତି, ଟିକିଏ ପୂର୍ବରୁ ମୋ ପତ୍ନୀ ଝିଅକୁ ସ୍କୁଲରୁ ଆଣିବା ପାଇଁ ଯାଇଥିଲା। ମୋର ନିରର୍ଥକତା ହେଉଛି ଯେ ଦୁଆର ସାମ୍ନାରେ ମୁଁ ଛିଡ଼ା ହୋଇଥିଲେ ମଧ୍ୟ କବାଟ ଖୋଲିଦେବାରେ ବିଳମ୍ବ କରୁଥିଲି। ଅନ୍ୟ ପକ୍ଷରେ ମୋ ପତ୍ନୀ ପ୍ରମିତା ସ୍କୁଲ ଯିବାବେଳେ କବାଟର ଶିକୁଳି ବନ୍ଦ କରିନଥିଲା ଅର୍ଥାତ୍ କବାଟ ଖୋଲା ହିଁ ରହିଥିଲା। ପ୍ରମିତା ଆସି ପହଞ୍ଚିଯିବା ପରେ କବାଟର ଶିକୁଳିକୁ ମୁଁ ଖୋଲିବାର ଉପକ୍ରମ କରିବାର ଶବ୍ଦ ହୋଇଛି। ହେଲେ ତାହାର ଈପ୍ସିତ ଫଳ କିଛି ଘଟିବାର ନଥିଲା। ମୋର ଏହି ନିରର୍ଥକ ଭଙ୍ଗୀ ତାକୁ ବେଶ୍ ଭଲ ଲାଗିଥିଲା। ମୁଁ ଯେ କବାଟ ବନ୍ଦ କରି ଘର ଭିତରେ ରହିଛି ଏହି ବିଶ୍ୱାସ ଓ ବାସ୍ତବତାରେ ପ୍ରମିତା ଓ ମୋ ଝିଅ ତିନ୍ନି ଗଳଦଘର୍ମ ହୋଇ ଦୁଆର ବନ୍ଧରେ ଛିଡ଼ା ହୋଇଛନ୍ତି। ଟିକିଏ ଠେଲି ଦେଇଥିଲେ କବାଟଟି ଖୋଲି ଯାଇଥା'ନ୍ତା। ବାଥ୍‌ରୁମ୍‌ରେ ମୁଁ ଅଛି ଅଥବା କବାଟରେ ଠକ୍ ଠକ୍ ଶବ୍ଦର ଅପେକ୍ଷାରେ ଯେପରି ମୁଁ ରହିଛି। ମୋ ଅବସ୍ଥିତିର ମିଛକୁ ବାସ୍ତବ ମନେକରି ଏଇ ଦୁଇପ୍ରାଣୀ ବଞ୍ଚିରହିଛନ୍ତି ଯେମିତି। ଏକ ମିଛର ବାସ୍ତବତାକୁ ଆଣ୍ଟ କରି ମୁଁ ଯେପରି ବଞ୍ଚି ରହିଛି !

ତାପରେ ଶିକୁଳିରେ ହାତମାରିବାର ଶବ୍ଦ ହେଲା। ଅଥଚ କବାଟରେ ବେଶ୍ ଫାଙ୍କ ରହିଥିଲା। କବାଟକୁ ସାମାନ୍ୟ ଠେଲି ଦେବା ପରେ ମୋ ଝିଅ ତିନ୍ନି ସିଧା ଆସି ଛିଟିକି ପଡ଼ିଲା ଲିଭିଂ ସ୍ପେସ୍‌ରେ।

ପ୍ରମିତାର ସାମ୍ନାସାମ୍ନିରେ ମୁଁ। ପ୍ରମିତାର ହାତରେ ଫୋଲ୍ଡିଂ ଛତା, ଆଖିରେ ସନ୍‌ଗ୍ଲାସ୍। ମୁଁ ଏକ ଅର୍ଥହୀନ ଭଙ୍ଗୀରେ ବାହାରିଯିବା ପାଇଁ ପ୍ରମିତାକୁ ହାତ ହଲାଇ 'ହ୍ୟାଲୋ !' କହିଲି। ପ୍ରମିତା ଝିଅକୁ ଧରି